**PRESS MONITOR**

Publication : Sanchar
Edition : Bhubaneswar
Date : April 24, 2017

# ମୁନ୍-ବୋ ପକ୍ଷରୁ ଆକେଲସ୍ ପ୍ରିମିୟମ୍ ୱାଟର ପ୍ୟୁରିଫାଏରର ବଜାର ପ୍ରବେଶ

ମୁନ୍-ବୋ ୱାଟର ପ୍ୟୁରୀଫାଏର୍ ପକ୍ଷରୁ ଏହାର ଉତ୍ପାଦ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରାଯିବା ସହିତ ସମ୍ପ୍ରତି ଷ୍ଟାଇଲିସ୍ ଏବଂ କମ୍ପାକ୍ଟ ୱାଟର ପ୍ୟୁରୀଫାଏର୍ ଆକଲେସ୍ ପ୍ରିମିୟମ୍‌ର ବଜାର ପ୍ରବେଶ କରାଯାଇଛି । ଏହି ନୂତନ ୱାଟର ପ୍ୟୁରୀଫାଏର୍‌ରେ ଟଚ୍ ବେସଡ୍ ୟୁଜର ଇଂଟରଫେସ୍ ଏବଂ ଦୁଇଟି ଟିଡିଏସ୍ ସ୍ତରୀୟ ଏଲଇଡି ଇଣ୍ଡିକେଟର ଡିସ୍‌ପ୍ଲେ ପ୍ୟାନେଲ୍‌ରେ ରହିଛି । ଏହା ଇନପୁଟ/ଆଉଟ୍‌ପୁଟ୍ ୱାଟର କ୍ୱାଲିଟି ଯାଂଚ୍ କରିଥାଏ ।



ଆକେଲସ୍ ପ୍ରିମିୟମ୍‌ରେ ଲାଟେଷ୍ଟ ହେଲ୍‌ଥପ୍ୟୁର ଜ୍ଞାନକୌଶଳ ରହିଛି ଯାହାକି ୬ସ୍ତରୀୟ ପ୍ୟୁରୀଫିକେସନ୍ ପ୍ରଣାଳୀ ଉପଲବ୍ଧ କରାଇଥାଏ । ଫଳରେ ପାଣିରୁ ସମସ୍ତ ଜର୍ମ ଏବଂ ବ୍ୟାକ୍ଟେରିଆ ବାହାରି ଯାଇଥାଏ । ଏହା ଖଣିଜ ପଦାର୍ଥ ଫୋର୍ଟିଫିକେସନ୍ ମିଶ୍ରଣ କରିବା ସହିତ ଜଳରେ ଆବଶ୍ୟକ ପୋଷକ ତତ୍ୱ ମିଶ୍ରିତ କରିଥାଏ । ଏହି ଆକେଲସ୍ ପ୍ରିମିୟମ୍ ମଡେଲ୍‌ର ରଙ୍ଗ ବ୍ଲାକ୍ ରହିଥିବାବେଳେ ଏଥିରେ କ୍ରୋମ୍‌ ପ୍ଲେଟେଡ୍ ଟଚ୍ ପ୍ୟାନେଲ୍ ରହିଛି । ଏଥିରେ ୨ ଲିଟର ଜଳ ସଂରକ୍ଷିତ ରହିପାରିବ ଏବଂ ଏହାକୁ ସହଜରେ ରେଫ୍ରିଜେରେଟର ମଧ୍ୟରେ ରଖାଯାଇ ପାରିବ । ଏହାକୁ ସର୍ଭିଂ କଂଟେନର ଭାବରେ ବ୍ୟବହାର କରାଯାଇପାରିବ । ଏହି ଜର୍‌ରେ ଦୁଇ ତୃତୀୟାଂଶ ଜଳ ଗଚ୍ଛିତ ରହିବା ପରେ ଏହା ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଇଥାଏ । ଏହି ମଡେଲ୍ ଗ୍ରାହକଙ୍କୁ ବିଶେଷ ଆକର୍ଷିତ କରିପାରିବ । ଏହି ମଡେଲର ମୂଲ୍ୟ ୨୧,୪୯୦ ଟଙ୍କା ରହିଛି । ଏହା କ୍ରୋମା ଭଳି ବ୍ରିକ୍ ଏବଂ ମୋର୍ଟାର୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେବା ସହିତ ଅମାଜନ, ସ୍ନାପଡିଲ୍ ଏବଂ ଫ୍ଲିପ୍‌କାର୍ଟ ଭଳି ଇ-କମର୍ସ ପ୍ଲାଟଫର୍ମ ସମେତ ସାଧାରଣ ରିଟେଲ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେଉଛି । ମୁନ୍‌ବୋ ଆଇକନିକ୍ ସାନିଟାରୀ ବ୍ରାଣ୍ଡ୍ ହିଣ୍ଡୱେର ଏଚଏସଆଇଏଲ୍ ଲିମିଟେଡ୍ ଦ୍ୱାରା ନିର୍ମିତ ହୋଇଛି ।